# ଖ୍ରୀଷ୍ଟାଡେଲ୍ଫିଅନ୍ସ (ଖ୍ରୀଷ୍ଟରେ ଭାଇ ଓ ଭଉଣୀ)

The Christadelphians (brothers and sisters in Christ)

## ବାଇବଲ ଆଧାରିତ ଏକ ସମ୍ପ୍ରଦାୟର ପରିଚୟ

Introducing a Bible-based community

ରବ ହାଇଣ୍ଡମେନ୍ଙ୍କ ଦ୍ୱାରା

# ଖ୍ରୀଷ୍ଟାଡେଲ୍‌ଫିଅନ୍ସ (ଖ୍ରୀଷ୍ଟରେ ଭାଇ ଓ ଭଉଣୀ)

The Christadelphians (brothers and sisters in Christ)

## ବାଇବଲ ଆଧାରିତ ଏକ ସମ୍ପ୍ରଦାୟର ପରିଚୟ

Introducing a Bible-based community

## ପରିଚୟ

Introduction

ଖ୍ରୀଷ୍ଟାଡେଲ୍‌ଫିଅନ୍ସ ଏକ ଛୋଟ ଧାର୍ମିକ ଦଳ ଅଟନ୍ତି ଯେଉଁମାନେକି ନୂତନ ନୀୟମ ସମୟରେ ରହିଥିବା ଆଦ୍ୟ ଖ୍ରୀଷ୍ଟିୟାନମାନଙ୍କ ପରି ବିଶ୍ୱାସ ଏବଂ ଚରିତ୍ର ପୁନର୍ବାର ପାଇବାକୁ ଚେଷ୍ଟା କରିଅଛନ୍ତି| ଖ୍ରୀଷ୍ଟାଡେଲ୍‌ଫିଅନ୍ସ ନାମଟି ୧୫୦ ବର୍ଷରୁ ବ୍ୟବହାର ହୋଇଆସିଛି| ଏହା ଦୁଇଟି ଗ୍ରୀକ ଶବ୍ଦରୁ ଆସିଅଛ ଏବଂ ଏହାର ଅର୍ଥ ହେଲା "ଖ୍ରୀଷ୍ଟରେ ଭାଇ ଏବଂ ଭଉଣୀ"|

(ମାଥିଉ ୨୩:୮; କଲସୀୟ ୧:୨; ଏବଂ ଏବ୍ରୀମାନ ୨:୧୧ ଦେଖ)

ଆମେମାନେ ଲଣ୍ଡନ, ଅଷ୍ଟ୍ରେଲିୟା, ନ୍ୟୁଜରଲାଣ୍ଡ, ଉତ୍ତର ଆମେରିକା, ଭାରତ, ଏସିଆ ଏବଂ ଆଫ୍ରିକାରେ ଖ୍ରୀଷ୍ଟାଡେଲ୍‌ଫିଅନ୍ସ ବୃହତ ଦଳ ଆକାରରେ ସାରା ଜଗତର ୧୨୦ଟି ଦେଶଗୁଡିକରେ ରହିଛୁ| ଆଦ୍ୟ ଖ୍ରୀଷ୍ଟିୟାନମାନଙ୍କ ପରି ଆମେମାନେ ଗୃହଗୁଡିକରେ, ଭଡାଘରଗୁଡିକରେ ଏବଂ କେତେକ ସ୍ଥାନରେ ନିଜର କୋଠରୀଗୁଡିକରେ ସମବେତ ହେଉ|

(ପ୍ରେରିତ ୧:୧୩-୧୪, ୨:୪୬-୪୭, ୧୮:୭, ୧୯:୯, ୨୮:୩୦ ଦେଖ)

ପ୍ରଥମ ଶତାବ୍ଦୀପରେ ଆମେମାନେ ଏକ ସ୍ଥାପନକାରୀ ସମାଜ ଅଟୁ| ପ୍ରତ୍ୟେକ ମଣ୍ଡଳୀକୁ ଏକ "ଇକ୍ଲେସୀୟା" (ମଣ୍ଡଳୀ ପାଇଁ ନୂତନ ନୀୟମର ଗ୍ରୀକ ଶବ୍ଦ) କୁହାଯାଇଅଛି| ଆମର ବେତନ ଭୋଗୀ ପ୍ରଚାରକ କିମ୍ବା ମଣ୍ଡଳୀ ଯାଜକ ନାହାଁନ୍ତି| ପ୍ରତ୍ୟେକ ମଣ୍ଡଳୀର ସଦସ୍ୟମାନଙ୍କୁ "ଭାଇ କିମ୍ବା ଭଉଣୀ" ଭାବରେ ସମ୍ବୋଧନ କରାଯାଇ-ଅଛି, ଏବଂ ସମସ୍ତେ ଆମର କାର୍ଯ୍ୟକ୍ରମଗୁଡିକୁ ଆୟୋଜନ କରିବାରେ ସାମିଲ ଅଛନ୍ତି| ପ୍ରତ୍ୟେକ ସଦସ୍ୟ ଈଶ୍ୱରଙ୍କ ସେବା ନିମନ୍ତେ ସେମାନଙ୍କର ସମୟ, ସ୍ରୋତ ଏବଂ ବଳକୁ ସ୍ୱେଚ୍ଛାଭାବରେ ପ୍ରଦାନ କରିଥାନ୍ତି|

(ରୋମୀୟ ୧୨:୪-୮; ୧ କରିନ୍ଥୀୟ ୧୨:୪-୨୭, ଗାଲାତୀୟ ୩:୨୮ ଦେଖ)

ଆମେ କେବଳ ପବିତ୍ର ବାଇବଲକୁ ଆମର ନିର୍ଦ୍ଦେଶ ପୁସ୍ତକ ଭାବରେ ଗ୍ରହଣ କରୁ ଏବଂ ଈଶ୍ୱରଙ୍କ ବାକ୍ୟ ଦ୍ୱାରା ଅନୁପ୍ରଣିତ ହେବା ନିମନ୍ତେ କେବଳ ଏହାକୁ ବିଶ୍ୱାସ କରୁ| ବାପ୍ତିସ୍ମ ନେବାପରେ (ପାଣିରେ ସଂପୂର୍ଣ୍ଣ ଭାବରେ ବୁଡିବା) ଯେଉଁମାନଙ୍କର ଏହି ସମାନ ବିଶ୍ୱାସ ରହିଛି ସେହିମାନଙ୍କ ପାଇଁ ସଦସ୍ୟତା ଗ୍ରହଣ କରିବା ଉନ୍ମୁକ୍ତ ରହିଛି|

# ଏକ ସଂକ୍ଷିପ୍ତ ଇତିହାସ

A brief history

ପ୍ରେରିତମାନଙ୍କ ସମୟଠାରୁ ଅନେକ ବିଶ୍ୱାସୀ ଅଛନ୍ତି ଯେଉଁମାନଙ୍କରକି ଖ୍ରୀଷ୍ଟାଡେଲ୍‌ଫିଅନ୍ସ ପରି ସମାନ ବିଶ୍ୱାସ ରହିଛି| ସାରା ଜଗତରେ ଅଗଣିତକ ସ୍ୱାଧିନ ସମ୍ପ୍ରଦାୟଗୁଡିକ ରହିଆସିଛନ୍ତି ଯେଉଁମାନେକି ଉତ୍କଣ୍ଠିତଭାବରେ ପବିତ୍ର ବାଇବଲକୁ ଅଧ୍ୟୟନ କରିଅଛନ୍ତି ଏବଂ ଋହାର ସରଳ ଶିକ୍ଷାଗୁଡିକୁ ଗ୍ରହଣ କରିଅଛନ୍ତି| ଖ୍ରୀଷ୍ଟାଡେଲ୍‌ଫିଅନ୍ସର ବିଶ୍ୱାସ ଏବଂ ପ୍ରତିଷ୍ଠିତ ପ୍ରଦ୍ଧତି କ୍ଲିମେଣ୍ଟଙ୍କର ପତ୍ର, ଡିଡେଚେ ଏବଂ ପ୍ରେରିତଙ୍କ ଧର୍ମବିଶ୍ୱାସ ପରି ଦଲିଲଗୁଡିକରେ ପ୍ରଥମ ଓ ଦ୍ୱୀତିୟ ଶତାବ୍ଦୀର ଆଦ୍ୟ ଖ୍ରୀଷ୍ଟିୟାନମାନଙ୍କ ପାଇଁ ନୂତନ ନୀୟମରୁ ଉତ୍ପତ୍ତିର ଉତ୍ସ ବୋଲି ଚିନ୍ତା କରାଯାଏ| ୧୬ଶହ ଶତାବ୍ଦୀ ଧର୍ମଗତ ସଂସ୍କାରରେ ସମୟରେ ୟୁରୋପ୍‌ରେ ଧାର୍ମିକ ସ୍ୱାଧିନତାର ଆର୍ବିଭାବ ସହିତ, ବାଇବଲ ସମନ୍ଧୀୟ ମନୋଭାବଥିବା ଦଳଗୁଡିକ ଯଥା ସୁଇସ୍ ଆନାବାପ୍ଟିଷ୍ଟ ଓ ପଲିସ ସୋସିନିଅନ୍ସ ସମାନ ବିଶ୍ୱାସ ଏବଂ ପ୍ରତିଷ୍ଠିତ ପ୍ରଦ୍ଧତି ପୃଷ୍ଠଭାଗକୁ ଫେରିଲେ| ଆଦ୍ୟ ଇଂରାଜୀ ବାପ୍ଟଷ୍ଟି ମଧ୍ୟରେ ଏହି ସମାନ ବିଶ୍ୱାସ ରହିଥିଲା (ମାତ୍ର ଏହି ବିଶ୍ୱାସ ଆଜିର ବାପ୍ଟିଷ୍ଟ ମଧ୍ୟରେ ନାହିଁ)| ୧୮ଶହ ଶତାବ୍ଦୀରେ ଜ୍ଞାନଲୋକ ପ୍ରାପ୍ତିରେ ନେତୃତ୍ୱ ନେଉଥିବା ଅନେକ ବ୍ୟକ୍ତି ଯେପରି ସାର୍ ଇସାହକ୍ ନିଉଟନ ଏବଂ ଉଇଲିୟମ ହ୍ୱାଇଟ୍‌ସନ୍ ଏହି ସମାନ ବିଶ୍ୱାସ ରଖିଥିଲେ|

ଆଧୁନିକ ଖ୍ରୀଷ୍ଟାଡେଲ୍‌ଫିଅନ୍ସ କ୍ରିୟାକଳାପ ବା ଆନ୍ଦାଳନ ୧୮୩୦ରେ, ଆମେରିକା ଏବଂ ଇଂଲଣ୍ଡରେ ଉଦ୍ଧିପନା ଓ ସଂସ୍କାସ୍ୱାର ସମୟରେ ଆରମ୍ଭ ହୋଇଥିଲା| ଆମେରିକାରେ ଜଣେ ଡାକ୍ତର, ଜନ ଥୋମାସ "ଈଶ୍ୱରଙ୍କ ରାଜ୍ୟର ଅଗ୍ରଗାମୀ ଦୂତ" ("Herald of the kingdom"), ପ୍ରକାଶନ କଲେ ଯାହା ପୁନରୁତ୍‌ଥାନ ଏବଂ ଈଶ୍ୱରଙ୍କ ରାଜ୍ୟ ବିଷୟରେ ବାଇବଲ ଶିକ୍ଷା ଆରମ୍ଭ କରେ| ବିଟେନରେ ଏକ ପତ୍ରକାର ଯାହାଙ୍କର ନାମ ରୋବର୍ଟ ରୋବର୍ଟ୍ସ ସେହି ସମାନ କାରଣକୁ "ଆସୁଥିବା ଯୁଗର ରାଜଦୂତ" ("Ambassador of the coming age") ରେ ଗ୍ରହଣ କଲେ| ଥୋମାସ ଓ ରୋବଟ କୌଣସି ଦର୍ଶନ କିମ୍ବା ବ୍ୟକ୍ତିଗତ ପ୍ରକାଶନ ନିମନ୍ତେ ଦାବି କଲେ ତାହା ନୁହେଁ - କେବଳ ବାଇବଲର ସତ୍ୟପ୍ରିୟ ବିଦ୍ୟାର୍ଥୀ ହେବା ନିମନ୍ତେ ଚେଷ୍ଟା କରନ୍ତି| ଯେତେବେଳେ ଆମେରିକାରେ ନାଗରିକ ଆନ୍ଦୋଳନ ହଠାତଭାବରେ ଆରମ୍ଭ ହୋଇଥିଲା, ଯେଉଁ ଖ୍ରୀଷ୍ଟିୟାନମାନେ ଏହି ଦଳଗୁଡିକ ସହିତ ମିଶି ସଂଗ୍ରାମ କଲେ ନାହିଁ, ସେମାନେ ସରକାରୀ ସଂଘ ସହିତ ପଞ୍ଜିକୃତ ହେବାର ଆବଶ୍ୟକ ଥିଲା| ଓଗଲ୍ଲି ଦେଶ, ଇଟିନିଅସରେ ସାମ୍ କଫମେନ ଏବଂ ଅନ୍ୟ ଭାଇମାନେ ନିଜକୁ "ଖ୍ରୀଷ୍ଟରେ ଭାଇମାନେ" ବା ଅନ୍ୟ ଏକ ଶବ୍ଦରେ "ଖ୍ରୀଷ୍ଟାଡେଲ୍‌ଫିଅନ୍ସ" ନାମରେ ପଞ୍ଜିକରଣ କଲେ| ଅତିଶିଘ୍ରହିଁ ଏହି ନାମଟି ଆମେରିକା ଏବଂ ବିଟେନରେ ରହିଥିବା ସମଭାବାପନ୍ନ ବିଶ୍ୱାସୀମାନଙ୍କ ଦ୍ୱାରା ଗ୍ରହଣ ବା ଅରଲମ୍ବନ କରାଯାଇଥିଲା| ସେହି ଦିନଠାରୁ ସ୍ୱାଧିନ ଖ୍ରୀଷ୍ଟାଡେଲ୍‌ଫିଅନ୍ସ ଦଳ ସାରା ପୃଥିବୀରେ ସ୍ଥାପିତ ହୋଇ ଆସୁଅଛନ୍ତି|

ଏହି ପରିଚୟ ପୁସ୍ତିକାର ଆଗାମୀ ବିଭାଗଗୁଡିକ ହେଲା:

୧. ଆମର ବିଶ୍ୱାସ

୨. ଜୀବନର ମାର୍ଗ

୩. ଆମର ସହଭାଗିତା, ଉପାସନା ଏବଂ ସାକ୍ଷୀହେବା

# ୧. ଆମର ବିଶ୍ୱାସ

1. Our beliefs

## ପବିତ୍ର ବାଇବଲ

The Bible

ଆମେ ବିଶ୍ୱାସ କରୁ ଯେ ପବିତ୍ର ବାଇବଲ ମନୁଷ୍ୟ ପାଇଁ କେବଳ ଈଶ୍ୱରନିଶ୍ୱସିତ ବାକ୍ୟ ଅଟେ, ପ୍ରତ୍ୟେକ ବ୍ୟକ୍ତି ଯେପରି ଈଶ୍ୱରଙ୍କୁ ଏବଂ ତାହାଙ୍କର ପୁତ୍ରଙ୍କୁ ବିଶ୍ୱାସ କରିବେ ଏଥିନିମନ୍ତେ ପ୍ରତ୍ୟେକ ଜଣଙ୍କୁ ଦିଆଯାଇଅଛି| ଏହା ଆମର ଏକମାତ୍ର ଅଧିକାର ଅଟେ ଏବଂ ଏହାକୁ ପ୍ରର୍ଥନା ସହିତ ଓ ପ୍ରତ୍ୟେକ ସୁଯୋଗରେ ଯତ୍ନ ସହକାରେ ପଠନକରିବା ଦରକାର|

(୨ ତୀମଥି ୩:୧୬-୧୭; ୧ ପିତର ୧:୧୦-୧୨; ୨ ପିତର ୧:୨୦-୨୧; ପ୍ରେରିତ ୧୭:୧୧; ଏଫିସୀୟ ୨:୨୦; ରୋମୀୟ ୧୬:୨୬)

## ଈଶ୍ୱର

God

କେବଳ ଏକମାତ୍ର ଚିରସ୍ଥାୟୀ, ଅନନ୍ତ ଈଶ୍ୱର ଅଛନ୍ତି| ଯୀଶୁ ଖ୍ରୀଷ୍ଟ ତାହାଙ୍କର ଅଦ୍ୱିତୀୟ ପୁତ୍ର ଅଟନ୍ତି ଏବଂ ପବିତ୍ର ଆତ୍ମା ତାହାଙ୍କର ଶକ୍ତି ଅଟନ୍ତି|

(ଦ୍ୱିତୀୟ ବିବରଣ ୬:୪; ଲୂକ ୧:୩୫; ପ୍ରେରିତ ୧:୮;୧ କରିନ୍ଥୀୟ ୮:୬; ୧ ତୀମଥି ୧:୧୭, ୨:୫, ୬:୧୬)

## ମନୁଷ୍ୟ

Man

ମନୁଷ୍ୟ ମରଣଶିଳ ଅଟେ ଏବଂ ଈଶ୍ୱରଙ୍କ ସମ୍ମୁଖରେ ଏକ ପାପୀ ଅଟେ| ସମସ୍ତେ ପାପ କରିଅଛନ୍ତି ଏବଂ ପାପର ବେତନ ମୃତ୍ୟୁ-ସଂପୂର୍ଣ୍ଣ ଜୀବନର ସମାପ୍ତ|

(ଯିରିମିୟ ୧୭:୯; ମାର୍କ ୭:୨୧-୨୩; ରୋମିୟ ୩:୨୩; ଯାକୁବ ୧:୧୩-୧୫; ରୋମିୟ ୬:୨୩; ଉପଦେଶକ ୯:୫,୧୦; ଗୀତସଂହିତା ୧୧୫:୧୭, ୧୪୬:୪)

## ଆଶା

Hope

ମୃତ୍ୟୁ ପରେ ଜୀବନର ଏକମାତ୍ର ଆଶା ହେଉଛି ଶରୀରର ପୂନରୁତ୍ଥାନ ଏବଂ ପୃଥିବୀ ଉପରେ ଈଶ୍ୱରଙ୍କ ରାଜ୍ୟରେ ଅନନ୍ତ ଜୀବନ|

(ଗୀତସଂହିତା ୪୯:୧୨-୨୦; ଯୋହନ ୧୧:୨୫-୨୬; ପ୍ରେରିତ ୨୪:୧୫; ରୋମୀୟ ୮:୨୨-୩୯; ୧ କରିନ୍ଥୀୟ ୧୫:୧୨; ପ୍ରକାଶିତ ବାକ୍ୟ ୫:୧୦, ୨୦:୪)

## ପ୍ରତିଜ୍ଞାଗୁଡିକ

The promises

ସୁସମାଚାର ପ୍ରତିଜ୍ଞାଗୁଡିକଠାରୁ ଅବିଚ୍ଛେଦ୍ୟ ଅଟେ ଯାହା ପୁରାତନ ନୀୟମ ସମୟମାନଙ୍କରେ ଈଶ୍ୱର ଅବ୍ରାହାମ ଏବଂ ଦାଉଦଙ୍କୁ କରିଥିଲେ। ଏହି ପ୍ରତିଜ୍ଞାଗୁଡିକ ଯୀଶୁ ଖ୍ରୀଷ୍ଟଙ୍କଠାରେ ସଫଳ ହୋଇଅଛି।

(ପ୍ରେରିତ ୧୩:୩୨; ଆଦିପୁସ୍ତକ ୧୩:୧୪-୧୭, ୨୨:୧୫-୧୮; ୨ ଶାମୁୟେଲ ୭:୧୨,୧୬; ଲୂକ ୧:୩୧-୩୩; ଗାଲାତୀୟ ୩:୬-୯,୧୬,୨୬-୨୯)

## ଈଶ୍ୱର ଜଗତକୁ ଏତେ ପ୍ରେମ କଲେ ଯେ...

God so loved the world

ତାହାଙ୍କ ପ୍ରେମ ମଧ୍ୟରେ ଈଶ୍ୱର ମନୁଷ୍ୟମାନଙ୍କୁ ସେମାନଙ୍କର ପାପରୁ ଉଦ୍ଧାର କରିବା ନିମନ୍ତେ ତାହାଙ୍କର ପୁତ୍ର, ଯୀଶୁଙ୍କୁ ଏହି ଜଗତକୁ ପ୍ରେରଣ କଲେ। ଯେକେହି ତାହାଙ୍କଠାରେ ବିଶ୍ୱାସ କରେ ବିନଷ୍ଟ ନ ହୋଇ ଅନନ୍ତ ଜୀବନ ପ୍ରାପ୍ତ ହୁଏ।

(ମାଥିଉ ୧:୨୦-୨୧, ୩:୧୭; ଲୂକ ୧:୩୫; ଯୋହନ ୩:୧୬)

## ଖ୍ରୀଷ୍ଟଙ୍କର ବଳିଦାନ

The sacrifice of Christ

ଯୀଶୁ ନିଷ୍ପାପୀ ଥିଲେ। ସେ ଈଶ୍ୱରଙ୍କ ଧାର୍ମିକତା ଦେଖାଇବା ନିମନ୍ତୁ ଏବଂ ଯେକେହି ତାହାଙ୍କର ବଳିଦାନକୁ ବିଶ୍ୱାସ ଦ୍ୱାରା ଗ୍ରହଣ କରେ ସେହିମାନଙ୍କୁ ମୁକ୍ତି ଦେବା ନିମନ୍ତେ ମୃତ୍ୟୁବରଣ କଲେ। ଈଶ୍ୱର ତାହାଙ୍କୁ ମୃତ୍ୟୁରୁ ପୁର୍ନଃଜିବିତ କଲେ, ଅମର କଲେ ଏବଂ ସ୍ୱର୍ଗ ଓ ପୃଥିବୀ ଉପରେ ସମସ୍ତ ଅଧିକାର ପ୍ରଦାନ କଲେ, ଏବଂ ଈଶ୍ୱର ଓ ମନୁଷ୍ୟ ମଧ୍ୟରେ ମଧ୍ୟସ୍ଥ ସ୍ୱରୁପେ ତାଙ୍କୁ ରଖିଲେ।

(ରୋମୀୟ ୩:୨୧-୨୬; ଏଫିସୀୟ ୧:୧୯-୨୩; ୧ ତୀମଥି ୨:୫-୬; ଏବ୍ରୀମାନ ୪:୧୪-୧୬)

## ଯୀଶୁଙ୍କର ଦ୍ୱିତୀୟ ଆଗମନ

The return of Jesus

ଯୀଶୁ ଅତିଶିଘ୍ର ପୃଥିବୀକୁ ଆସିବେ। ତାହାପରେ ସେ ଅନେକ ମୃତମାନଙ୍କୁ ଉଠାଇବେ ଏବଂ ଜୀବିତମାନଙ୍କ ସହିତ ସେମାନଙ୍କର ବିଚାର କରିବେ, ଓ ଈଶ୍ୱରଙ୍କ ରାଜ୍ୟରେ ବିଶ୍ୱସୀମାନଙ୍କୁ ଅନନ୍ତ ଜୀବନ ପ୍ରଦାନ କରିବେ।

(ଦାନିୟେଲ ୧୨:୨; ମାଥିଉ ୨୫:୩୧-୩୪; ଲୂକ ୨୧:୨୦-୩୨; ଯୋହନ ୫:୨୮-୨୯; ପ୍ରେରିତ ୧:୧୧; ୨ ତୀମଥି ୪:୧; ପ୍ରକାଶିତ ବାକ୍ୟ ୨୨:୧୨)

## ଈଶ୍ୱରଙ୍କ ରାଜ୍ୟ

The kingdom of God

ଈଶ୍ୱରଙ୍କ ରାଜ୍ୟ ପୃଥିବୀ ଉପରେ ସ୍ଥାପିତ ହେବ| ଯୀଶୁ ଯୀରୁଶାଲମରେ ରାଜା ହେବେ; ତାହାଙ୍କର ଶାସନ ବିଶ୍ୱବ୍ୟାପୀ ହେବ ଓ ତାହାଙ୍କର ପରିଚାଳନା ଅନନ୍ତ ଧାର୍ମିକର୍ତ୍ତା ଓ ଶାନ୍ତି ଆଣିବ|
(ଗୀତସଂହିତା ୭୨; ଯିଶାଇୟ ୨:୨-୪, ୯:୬-୭, ୧୧:୧-୯, ୬୧:୧-୧୧; ଯିରିମିୟ ୩:୧୭; ଦାନିୟେଲ ୨:୪୪, ୭:୧୪,୨୭; ପ୍ରେରିତ ୩:୨୧)

## ପରିତ୍ରାଣର ମାର୍ଗ

The way of salvation

ଈଶ୍ୱରଙ୍କ ରାଜ୍ୟକୁ ପ୍ରବେଶ କରିବାର ମାର୍ଗ ହେଉଛି ବିଶ୍ୱାସ| ବାଇବଲରେ ବିଶ୍ୱାସ କରିବା ଏବଂ ଏହାର ଆବଶ୍ୟକତାଗୁଡିକ ଯଥା ପୁରୁଷ ଏବଂ ସ୍ତ୍ରୀମାନେ ସେମାନଙ୍କର ପାପ ସ୍ୱିକାର କରିବା, ଅନୁତାପ କରିବା, ବାପ୍ତିଜିତ ହେବା ଏବଂ ବିଶ୍ୱସ୍ତଭାବରେ ଯୀଶୁଙ୍କର ଅନୁକରଣ କରିବା ନିମନ୍ତେ ବାଧ ହେବା ସାମିଲ ରହିଛି|
(ମାଥିଉ ୧୬:୨୪-୨୭; ମାର୍କ ୧୬:୧୬; ଯୋହନ ୩:୩-୫; ପ୍ରେରିତ ୨:୩୭-୩୮, ୪:୧୨; ୨ ତୀମଥି ୩:୧୫; ଏବ୍ରୀମାନ ୧୧:୬)

## କେତେକ ଗୁରୁତ୍ୱପୂର୍ଣ୍ଣ ବିଭିନ୍ନତା

Some important differences

ଅନେକ ସମୟରେ ଆମେ ପ୍ରଶ୍ନର ସମ୍ମୁଖୀନ ହୋଇଥାଉ ଯେ; “କିପରି ତୁମେ ଅନ୍ୟ ଖ୍ରୀଷ୍ଟିୟାନ ଦଳଗୁଡିକ ଠାରୁ ଭିନ୍ନ ଅଟ?” ପ୍ରଭେଦସୂଚକ ଅନୁଷ୍ଠାନ (ଧର୍ମଯାଜକ କିମ୍ବା ଶ୍ରେଣୀବଦ୍ଧ ବିନା) ଠାରୁ ଅଲଗା, ଆମର କେତେକ ସିଦ୍ଧାନ୍ତ ଅଧିକାଂଶ ମଣ୍ଡଳୀଗୁଡିକଠାରୁ କିଛିକାଂଶରେ ଭିନ୍ନ ଅଟେ| ଆମେ ତ୍ରିଏକ ଈଶ୍ୱର ସିଦ୍ଧାନ୍ତକୁ ଅଗ୍ରାହ୍ୟ କରୁ ଯାହାକି ଯୀଶୁଙ୍କର ମୃତ୍ୟୁ ଓ ପୁନରୁତ୍ଥାନ ପରେ ମଣ୍ଡଳୀ ମଧ୍ୟରେ ବିଶୃଙ୍ଖଳାର ଏକ ଫଳସ୍ୱରୁପେ ୩୨୫ଖ୍ରୀଷ୍ଟାବ୍ଦର ବିଶପମାନଙ୍କର ପରିଷଦରେ (Council of Nicea) ବିକାଶ ହେଲା| ବାଇବଲ ଶିକ୍ଷାଦିଏ ଯେ ଯୀଶୁ ଈଶ୍ୱରଙ୍କ ପୁତ୍ର ଏବଂ ତାହା ନୁହେଁ ଯେ ସ୍ୱର୍ଗରେ “ଈଶ୍ୱରଙ୍କ ସନ୍ତାନ” ଭାବରେ ପୂର୍ବରୁ ବିଦ୍ୟମାନ ରହିଥିଲେ| ତ୍ରିଏକ ଈଶ୍ୱର ସିଦ୍ଧାନ୍ତ ଉଭୟ ତାହାଙ୍କର ମନୁଷ୍ୟତା ଓ ତାହାଙ୍କ ମୃତ୍ୟୁର ବାସ୍ତବିକତାକୁ ଅସ୍ୱିକାର କରିବା ସହିତ ଖ୍ରୀଷ୍ଟଙ୍କର କାର୍ଯ୍ୟକୁ ହ୍ରାସ କରେ| ଯେହେତୁ ଯଦି ସେ ଈଶ୍ୱର ଥିଲେ ତାହାହେଲେ ସେ ପରୀକ୍ଷିତ ହୋଇନଥାନ୍ତେ ଓ ମୃତ୍ୟୁବରଣ କରିନଥାନ୍ତେ|
(୧ ତୀମଥି ୨:୫; ୧ କରିନ୍ଥୀୟ ୧୧:୩; ଏବ୍ରୀମାନ ୫:୮)

ଆହୁରି ମଧ୍ୟ ଆମେ ‘ଅମରତ୍ୱ ଆତ୍ମା’ର ଏକ ଜନପ୍ରିୟ ଧାରଣା ଯାହା ମୃତ୍ୟୁପରେ ଆତ୍ମା ସ୍ୱର୍ଗକୁ ଯାଏ ସେହି ଧାରଣାକୁ ଅଗ୍ରାହ୍ୟ କରୁ| ବାଇବଲ ଶିକ୍ଷା ଦିଏ ଯେ ଅନନ୍ତ ଜୀବନ ପାଇଁ ଆଶା ହେଉଛି ପୁନରୁତ୍ଥାନ ଯେତେବେଳେ ଯୀଶୁ ପୁର୍ନଃଆଗମନ କରନ୍ତି ଓ ଈଶ୍ୱରଙ୍କ ରାଜ୍ୟରେ ତାହାଙ୍କ ସହିତ ଅନନ୍ତ ଜୀବନ ରହିଛି|
(ଯୋହନ ୩:୧୩; ପ୍ରେରିତ ୨:୩୪; ୧ ଥେସଲନୀକୀୟ ୪:୧୬)

ଆମେ ବିଶ୍ୱାସ କରୁ ଯେ ବାପ୍ତିସ୍ମ ନିତାନ୍ତ ଆବଶ୍ୟକ ଏବଂ କେବଳ ବୟସ୍କମାନଙ୍କର ବାପ୍ତିସ୍ମ ହେବା ଦରକାର| ଶିଶୁମାନଙ୍କୁ ପାଣି ଛିଞ୍ଚିବା ବାପ୍ତିସ୍ମ ନୁହେଁ|
(ଯୋହନ ୩:୫; କଲସୀୟ ୨:୧୨; ୧ ପିତର ୩:୨୧)

ଆହୁରି ମଧ୍ୟ ଆମେ ବିଶ୍ୱାସ କରୁ ଯେ "ଶୟତାନ" ପାପପୂର୍ଣ୍ଣ ମନୁଷ୍ୟର ଏକ ଚିହ୍ନ ସ୍ୱରୁପେ ବାଇବଲକୁ ବ୍ୟବହାର କରେ, ତେଣୁକରି ଆମେ ଏକ ଅଲୌକିକ ପ୍ରଲୋଭନକାରୀ ବା ପରୀକ୍ଷକ ବ୍ୟକ୍ତିର ସିଦ୍ଧାନ୍ତକୁ ଅଗ୍ରାହ୍ୟ କରୁ।
(ଯିଶାଇୟ ୪୫:୭; ମାର୍କ ୮:୩୩; ଯୋହନ ୬:୭୦; ଏବ୍ରୀମାନ ୧:୧୪)

# ୨. ଜୀବନର ମାର୍ଗ

2. Our way of life

## ପବିତ୍ର ବାଇବଲ - ଜୀବନ ପାଇଁ ନିର୍ଦ୍ଦେଶମୁସ୍ତକ

The Bible - guidebook for life

ପବିତ୍ର ବାଇବଲ ସତ୍ୟର ଉତ୍ସଭାବରେ ନିଆଯାଇଥିବା ପୁସ୍ତକ ଅଟେ ଯାହା ଉପରେ ଆମର ଜୀବନ ଆଧାରିତ ହେବା ଦରକାର। ଖ୍ରୀଷ୍ଟାଡେଲ୍‌ଫିଅନ୍ସ ମଧ୍ୟରେ ବ୍ୟାପ୍ତ ପ୍ରଥା ହେଉଛି ଏକ ବାଇବଲ ଅଧ୍ୟୟନ ତାଲିକା ବ୍ୟବହାର କରି ପ୍ରତିଦିନ ବାଇବଲ ପଠନ କରିବା ଯାହାକି ଆମକୁ ନିୟମିତ ଭାବରେ ବର୍ଷରେ ପୁରାତନ ନୀୟନ ଗୋଟିଏ ଥର ଏବଂ ନୂତନ ନୀୟମ ଦୁଇଥର ପଢିବାରେ ଯୋଗ୍ୟକରେ। ଅନକ ବିସ୍ଥାରିତ ଭାବରେ ପଢିବା ବଦଳରେ ଆମେ ଏହାକୁ ପଢୁ।
(ରୋମୀୟ ୧୫:୪; ୧ ଥେସଲନୀକୀୟ ୨:୧୩; ଯାକୁବ ୧:୨୨; ୨ ତୀମଥି ୨:୧୫)

## ପ୍ରାର୍ଥନା

Prayer

ନୂତନ ନୀୟମର ଉଦାହରଣ ଓ ଖ୍ରୀଷ୍ଟଙ୍କର ନିର୍ଦ୍ଦେଶ ଅନୁସାରେ, ଆମେ ଯୀଶୁ ଖ୍ରୀଷ୍ଟଙ୍କଠାରେ ପ୍ରାର୍ଥନା କରିବା ବଦଳରେ ଈଶ୍ୱରଙ୍କଠାରେ ପ୍ରାର୍ଥନା କରୁ, ହେ ଆମ୍ଭର ସ୍ୱର୍ଗସ୍ଥ ପିତା, ତାହଙ୍କ ପୁତ୍ର ଯୀଶୁ ଖ୍ରୀଷ୍ଟଙ୍କ ନାମରେ। ଏହା ଯୀଶୁ ଯିଏକି ଆମର ଦୁର୍ବଳତାଗୁଡିକ ଜାଣନ୍ତି ତାହାଙ୍କ ସହିତ ଆମର ଏକ ବ୍ୟକ୍ତିଗତ ସମ୍ପର୍କ ପାଇଁ ବାଧା ଦିଏ ନାହିଁ।
(ଯୋହନ ୧୫:୧୬, ୧୬:୨୬; ଏବ୍ରୀମାନ ୨:୧୫)

## କାର୍ଯ୍ୟ

Work

ପ୍ରେରିତ ପାଉଲଙ୍କ ଶିକ୍ଷା ଏବଂ ଉଦାହରଣ ଅନୁକରଣ କରିବା ଅନୁସାରେ ଅକପଟ କାର୍ଯ୍ୟ ଦ୍ୱାରା ନିଜକୁ ଏବଂ ନିଜର ପରିବାରକୁ ସାହାଯ୍ୟ କରିବା ପ୍ରତ୍ୟେକ ଖ୍ରୀଷ୍ଟାଡେଲ୍‌ଫିଅନ୍ସ ର ଅକ୍ଷ୍ୟ। କେତେକ ବୃତ୍ତି (ରାଜନୈତିକ, ସୈନ୍ୟବାହିନି, ପୋଲିସ ଓକିଲାତି), ବୃତ୍ତିଗୁଡିକ ନିବାରଣ କରାଯାଇଛି।
(୧ ତୀମଥି ୫:୮; ୨ ଥେସଲନୀକୀୟ ୩:୬-୧୨)

## ପାରିବାରିକ ଜୀବନ

Family life

ସ୍ୱାମୀ ଓ ସ୍ତ୍ରୀ ମଧ୍ୟରେ ଯେପରି ସମ୍ପର୍କ ରହିଛି ମଣ୍ଡଳୀ ସହିତ ଖ୍ରୀଷ୍ଟଙ୍କର ସମ୍ପର୍କ ସେହିପ୍ରକାର ଅଟେ। ତେଣୁକରି ବିବାହ ସର୍ବଶ୍ରେଷ୍ଠ ପରିତ୍ରତା ସହିତ ଆଚରଣ କରିବା ଦରକାର। ଶିଶୁମାନେ ନିୟମିତ ସଣ୍ଡେସ୍କୁଲ ଯିବା ଦ୍ୱାରା ଓ ନିଜର ପିତାମାତା ସହିତ ପ୍ରତିଦିନ ବାଇବଲ ପଠନ କରିବା ଦ୍ୱାରା ସେମାନେ ଈଶ୍ୱରଙ୍କ ଏକ ଜ୍ଞାନରେ ଅଧିକାରଭୁକ୍ତ ହୋଇଅଛନ୍ତି। ବୟସ୍କପ୍ରପ୍ତ ଭାବରେ ଉଭୟ ତାଙ୍କର ପରିବାର ଓ ଭାତ୍ରୁଭାବ ଦ୍ୱାରା ଯତ୍ନନେବା ପାଇଁ ରହିଛନ୍ତି।

(ଏଫିସୀୟ ୫:୨୨-୨୩, ୬:୪; ୧ ତୀମଥି ୫:୪)

## ଦାନ ଦେବା

Giving

ଖ୍ରୀଷ୍ଟାଡେଲ୍‌ଫିଅନ୍ସ ଉଭୟ ବ୍ୟକ୍ତିଗତ ଭାବରେ ଏବଂ ଦଳଗତ ଭାବରେ ଦାନଶୀଳ କାର୍ଯ୍ୟ ଓ ଦାନ ଦେବାରେ ସାମିଲ ଅଛନ୍ତି। ମାତ୍ର ଆମେ "ମନୁଷ୍ୟ ଦେଖାଣିଆ କାର୍ଯ୍ୟ କରିବା" କରିବାକୁ ଚେଷ୍ଟା କରିନଥାଉ ଏବଂ ଲୋକମାନେ ଯେପରେ ଭୂଲ ଉଦ୍ଦେଶ୍ୟ ପାଇଁ ଖ୍ରୀଷ୍ଟଙ୍କ ନିକଟକୁ ନ ଆସନ୍ତି ଏଥିପାଇଁ ପ୍ରଚାର କାର୍ଯ୍ୟରେ ଦାନଶୀଳ କାର୍ଯ୍ୟକୁ ସାମିଲ କରିନଥାଉ।

(ଗାଲାତୀୟ ୬:୧୦; ଯାକୁବ ୧:୨୭, ୨:୧୫-୧୬; ମାଥିଉ ୬:୧-୪; ଯୋହନ ୬:୨୬)

ଆମେ ଦଶମାଂସ (ଆମର ଆୟର ୧୦% ମଣ୍ଡଳୀକୁ ଦେବା) ଦେଇନ ଥାଉ କାରଣ ପୁରାତନ ନୀୟମରେ ଦଶମାଂସ (ଲେବୀୟ) ଯାଜକମାନଙ୍କୁ ଦିଆଯାଉଥିଲା ଯାହାକି ବର୍ତ୍ତମାନ ବନ୍ଦ କରାଯାଇଆସିଅଛି।

(ଗଣନାପୁସ୍ତକ ୧୮:୨୪, ଏବ୍ରୀମାନ ୭:୧-୨୮)

## ଶରୀର ଏବଂ ଆତ୍ମା

Flesh and spirit

ଆମର ଜୀବନକୁ ପରିବର୍ତ୍ତନ କରିବା ନିମନ୍ତେ ଏବଂ ଶରୀରରେ ନୁହେଁ ମାତ୍ର ଆତ୍ମାରେ ବଞ୍ଚିବା ନିମନ୍ତେ ବାପ୍ତିସ୍ମ ଏକ ଚେଷ୍ଟା ଦ୍ୱାରା ଅନୁକରଣ କରିବା ଦରକାର। ଏହା କରିବା ଦ୍ୱାରା ଆମେ ଅଲୌକିକ ଆତ୍ମାର ଶକ୍ତି ନହୁଁ, ଅଧିକ ତୁଳନାରେ ଆମେ ବିଶ୍ୱାସ କରୁ ଯେ ଶରୀର (ଶୟତାନ) ଏକ ଅଲୌକିକ ଶକ୍ତି ଅଟେ, ମାତ୍ର ଆନେ ସ୍ୱୀକାର କରୁ ଯେ ଈଶ୍ୱର ଆମର ଜୀବନରେ ଉଭୟ ତାହାଙ୍କର ବାକ୍ୟ ଓ ତାହାଙ୍କର ଦୟା ଦ୍ୱାରା ସକ୍ରୀୟ ଅଟନ୍ତି।

(ରୋମୀୟ ୬:୧-୪; ମାର୍କ ୧୪:୩୮; ଗାଲାତୀୟ ୫:୨୨-୨୫)

## ବିଶ୍ୱାସ ଓ ଅନୁଗ୍ରହ

Faith and grace

ଆମେ ସଂପୂର୍ଣ୍ଣଭାବରେ ଈଶ୍ୱରଙ୍କଠାରେ ଭରସା କରିବାକୁ ଏବଂ ଏକ ବିଶ୍ୱାସକୁ ବୃଦ୍ଧି କରିବାକୁ ଚେଷ୍ଟା କରୁ ଯାହାକି ପ୍ରାର୍ଥନାରେ ଏବଂ ଉତ୍ତମ କାର୍ଯ୍ୟରେ ସକ୍ରିୟ ଆଟେ। ସେହି ସମାନ ସମୟରେ, ଆମେ ସ୍ୱିକାର କରୁ ଯେ ପରିତ୍ରାଣ ଅନୁଗ୍ରହ ଦ୍ୱାରା ରହିଛି।

(ଏଫିସୀୟ ୨:୮)

ଈଶ୍ୱରଙ୍କ ସାହାଯ୍ୟ ଦ୍ୱାରା ଦୈନନ୍ଦିନ ଆମେ ତାହାଙ୍କର ବାଧ ହେବାକୁ ଓ ତାହାଙ୍କୁ ସନ୍ତୁଷ୍ଟ କରେବାକୁ ଖୋଜିଥାଉ| ଖ୍ରୀଷ୍ଟ ଯିଏକି ତାହାଙ୍କର ପିତାଙ୍କର ବାଧ ହେଲେ, ସେହି ଖ୍ରୀଷ୍ଟଙ୍କର ଘନିଷ୍ଠ ହେବାକୁ ଚେଷ୍ଟାକରୁ| ତେଣୁକରି ଆମେ କାର୍ଯ୍ୟରେ ଉତ୍ସାହି ହେବାକୁ, ବିବାହରେ ବିଶ୍ୱସ୍ତ ହେବାକୁ, ଦାନଦେବାରେ ଉଦାର ମନ ରଖିବାକୁ, ପ୍ରଚାରକରିବାରେ ଉତ୍ସର୍ଗିକୃତ ହେବାକୁ ଏବଂ ଆମର ଈଶ୍ୱରଙ୍କଠାରେ ଆନନ୍ଦ କରିବାକୁ ଆନ୍ତରିକ ଚେଷ୍ଟା କରିଥାଉ|

# ୩. ଆମର ସହଭାଗିତା, ଉପାସନା ଏବଂ ସାକ୍ଷୀହେବା

3. Our fellowship, worship and witness

## ସଭାଗୁଡିକ

Meetings

ସପ୍ତାହରେ ଥରେ ଈଶ୍ୱରଙ୍କ ଉପାସନା କରିବାକୁ ଆମେ ସମବେତ ହେଉ ଏବଂ ରୋଟୀଭାଙ୍ଗିବା ଓ ପାନପାତ୍ରରୁ ପାନ କରିବା ଦ୍ୱାରା ଆମେ ତାହାଙ୍କ ପୁତ୍ର ଯୀଶୁଙ୍କର ବଳିଦାନକୁ ସ୍ମରଣ କରୁ| ବାପ୍ତିଜିତ ହୋଇଥିବା ପ୍ରତ୍ୟେକ ସଦସ୍ୟ ରୋଟି ଭୋଜନ କରନ୍ତି ଏବଂ ପାନପାତ୍ରରୁ ପାନ କରନ୍ତି|
(୧ କରିନ୍ଥୀୟ ୧୧:୨୩-୨୬, ୧୨:୧୩; ମାଥିଉ ୨୬:୨୬-୩୦)

ରୋଟି ଭୋଜନ କରିବା ଏବଂ ପାନପାତ୍ରରୁ ପାନ କରିବା ସହିତ ଅନ୍ୟ ପକ୍ଷରେ ଏହି ସଭାରେ ପ୍ରାର୍ଥନାକରିବା, ବାଇବଲରୁ ଦୁଇ କିମ୍ବା ତିନୋଟି ଅଧ୍ୟାୟ ପଠନ କରିବା, କେତେକ ଗୀତ ଗାନ କରିବା ଏବଂ ବାଇବଲ ଉପରେ ଆଧାରକରି ଏକ ଉତ୍ସାହଜନକ ବାକ୍ୟ ପ୍ରଦାନ କରିବା ମଧ୍ୟ ସାମିଲ ଥାଏ| ପ୍ରତି ସମ୍ତାହରେ ଏକ ଭିନ୍ନ ଭାଇ କହନ୍ତି|
(ଏଫିସୀୟ ୫:୧୯; ୧ ତୀମଥି ୪:୧୩; ଏବ୍ରୀମାନ ୩:୧୩)

ଏହି ସଭାରେ ଯୋଗଦାନ କରିବା ଆମର ଧର୍ମ ଜୀବନର ଲକ୍ଷ୍ୟ ଅଟେ| ଅଧିକାଂଶ ଦେଶଗୁଡିକରେ ଏହି ସଭାଟି ରବିବାର ଦିନ ହୁଏ, ଯଦ୍ୟପି ଏହା ଅନ୍ୟ ଏକ ଦିନରେ ହୋଇପାରେ (ଯଥା: ନେପାଳରେ ଶନିବାର ଦିନ ଏବଂ ବଙ୍ଗଳାଦେଶରେ ଶୁକ୍ରବାର ଦିନ) ଯେଉଁଠାରେ କି ରବିବାର ଦିନ ଏକ ଜନସାଧାରଣଙ୍କ ଛୁଟି ଦିନ ନୁହେଁ| ସଣ୍ଡେସ୍କୁଲରେ ପିଲାମାନେ ବାଇବଲ ବିଷୟରେ ଶିକ୍ଷାଗ୍ରହଣ କରିଥାନ୍ତି|
(ପ୍ରେରିତ ୨:୪୨, ୨୦:୭; ୧ କରିନ୍ଥୀୟ ୧୬:୨)

ଅଧିକାଂଶ ସ୍ଥାନୀୟ ଦଳଗୁଡିକ ସପ୍ତାହ ମଧ୍ୟରେ ଗୋଟିଏ ଥର କିମ୍ବା ଅଧିକ ଥର ସନ୍ଧ୍ୟା ବାଇବଲ କ୍ଲାସଗୁଡିକ କରିବା ସହିତ ଯୁବାମାନଙ୍କର ଦଳଗତ କାର୍ଯ୍ୟକଳାପଗୁଡିକ ମଧ୍ୟ ଆୟୋଜନ କରିଥାନ୍ତି|

## ବାଇବଲ ସ୍କୁଲଗୁଡିକ

Bible schools

ପ୍ରତ୍ୟେକ ସଦସ୍ୟମାନଙ୍କ ପାଇଁ ବାଇବଲ ସ୍କୁଲ ପରିବର୍ତ୍ତେ ଖ୍ରୀଷ୍ଟାଡେଲ୍‌ଫିଅନ୍ସର ଧର୍ମତତ୍ତ୍ୱ ସ୍କୁଲଗୁଡିକ କିମ୍ବା ସେମିନାରଗୁଡିକ ନାହିଁ| ପ୍ରତ୍ୟେକ ବର୍ଷ ଅନେକ ଖ୍ରୀଷ୍ଟାଡେଲ୍‌ଫିଅନ୍ସ ଏକ ବାଇବଲ ସ୍କୁଲ କିମ୍ବା ବାଇବଲ ଅଧ୍ୟୟନ ଶିବିର ଯାହା ଭଡାଘର କିମ୍ବା ଅନ୍ୟ ମଣ୍ଡଳୀଗୁଡିକଠାରେ ଆୟୋଜନ କରାଯାଇଥାଏ ସେଥିରେ ଗୋଟିଏ ସପ୍ତାହ କିମ୍ବା କେତେକ ସପ୍ତାହ ଯୋଗଦାନ କରିଥାନ୍ତି|

ଏହିପ୍ରକାର ସ୍କୁଲରେ ସାଧାରଣତଃ ଦୁଇ କିମ୍ବା ତିନି ଜଣ ବକ୍ତା ରହିଥାନ୍ତି, ଓ ପ୍ରତ୍ୟେକ ବକ୍ତା ସେମାନଙ୍କର ବିଷୟବସ୍ତୁ ଭାବରେ ବାଇବଲରୁ ଏକ ଭିନ୍ନ ଭିନ୍ନ ପୁସ୍ତକ ନେଇଥାନ୍ତି|

## ଅନୁଷ୍ଠାନ

Organisation

ପ୍ରତ୍ୟେକ "ଇକ୍କ୍ଲେସିୟା" ସ୍ୱପରିଚାଳିତ ଅଟେ| କୌଣସି ଜାତୀୟ କିମ୍ବା ଆର୍ନ୍ତଜାତୀୟ "ନେତୃତ୍ୱ" ନାହିଁ କିମ୍ବା କୌଣସି "କେନ୍ଦ୍ରିୟ କାର୍ଯ୍ୟାଳୟ" ନାହିଁ| ମାତ୍ର ଖ୍ରୀଷ୍ଟାଡେଲ୍‌ଫିଅନ୍ସ ଏକ ସାଧାରଣ ବିଶ୍ୱାସ ଉପରେ ବିଶ୍ୱବ୍ୟାପୀ ଆଧାର ଏକ ସହଭାଗିତାରେ ଅଂଶଗ୍ରହଣ କରିଥାନ୍ତି| ଏହି ପ୍ରକାରରେ ବ୍ୟକ୍ତିମାନଙ୍କର ସମାବେଶ ମଧ୍ୟରେ ସମ୍ପର୍କ ଅନ୍ୟ ପାରମ୍ପାରିକ ମଣ୍ଡଳୀଗୁଡିକଠାରୁ ଅଧିକ ଏକ ପରିବାର ପରି ହୋଇଥାଏ| ଏହା ନୂତନ ନିୟମର ନମୁନା ଅଟେ|
(ଏଫିସୀୟ ୩:୧୫, ୪:୧-୬; ୧ ଯୋହନ ୧:୬-୭)

ସର୍ବପ୍ରଥମ ଯୀରୁଶାଲମ ମଣ୍ଡଳୀରେ "ବାକ୍ୟର ସେବାକାର୍ଯ୍ୟ" (ପ୍ରଚାର କରିବା ଓ ଶିକ୍ଷାଦେବା) ପାଇଁ ବାରଜଣ ପ୍ରାଚୀନ ଉତ୍ତରଦାୟି ଥିଲେ ଏବଂ "ମେଜର ସେବାକାର୍ଯ୍ୟ" (ସମାଜର ଉନ୍ନତି) ପାଇଁ ସାତ ଜଣ ଦୀକନ ରହିଥିଲେ| ସେହିପରି ଏଫିସୀୟରେ ଥିବା ସଣ୍ଡଳୀରେ ଅନେକ ତତ୍ତ୍ୱାବଧାନକାରୀ (ଆକ୍ଷରିକ ଭାବରେ ଧର୍ମାଧକ୍ଷ / ବିଶପ) ଅର୍ଥ ପ୍ରାଚୀନବର୍ଗ ରହିଥିଲେ| ଏହି ନୀୟମଗୁଡିକ ଏକ ଆଧୁନିକ ବ୍ୟକ୍ତିମାନଙ୍କର ସମାବେଶ ଯେଉଁଠାରେକି ଜଣେ ବ୍ୟକ୍ତି ଏକ ବେତନ ପ୍ରାପ୍ତ ପାଳକ ରହିଛନ୍ତି ତାହାର ବୀରୋଧ ଅଟେ|
(ମାଥିଉ ୨୩:୮-୧୧; ପ୍ରେରିତ ୧:୨୩-୨୬, ୬:୧-୬, ୨୦:୨୮)

## ପ୍ରଚାର କରିବା

Preaching

ପ୍ରତ୍ୟେକ ଇକ୍କ୍ଲେସୀଆ ଈଶ୍ୱରଙ୍କ ରାଜ୍ୟର ସୁସମାଚାର ପ୍ରଚାର କରିବାକୁ ଚେଷ୍ଟାକରନ୍ତି ଏବଂ ସେମାନଙ୍କର ସ୍ଥାନୀୟ ଅଞ୍ଚଳରେ ଯୀଶୁ ଖ୍ରୀଷ୍ଟଙ୍କ ନାମ ଶିକ୍ଷା ଦିଅନ୍ତି|
(ପ୍ରେରିତ ୮:୧୨, ୨୮:୩୧; ୨ ତୀମଥି ୪:୨)

କେତେକ ସଦସ୍ୟ ପ୍ରଚାର କରିବାକୁ ବିଦେଶକୁ ଯାତ୍ରା କରନ୍ତି ଏବଂ ସ୍ଥାନୀୟ ଭାଇ ଭଉଣୀମାନଙ୍କୁ ସାହାଯ୍ୟ କରନ୍ତି| ଗୃହରେ ପ୍ରଚାର କରୁଥିବା ଭାଇମାନଙ୍କ ପରି, ଏହି ସ୍ୱେଚ୍ଛାସେବକମାନେ ପାଉଣା ପାଉନ ଥିବା ବ୍ୟକ୍ତି ଅଟନ୍ତି|
(ପ୍ରେରିତ ୨୦:୩୩-୩୪; ୧ ଥେସଲନୀକୀୟ ୨:୯)

ଖ୍ରୀଷ୍ଟାଡେଲ୍‌ଫିଅନ୍ସ ବାଇବଲ ସେମିନାରର ପର୍ଯ୍ୟାୟ ଚଳାନ୍ତି ଓ ଅନେକ ଦେଶଗୁଡିକରେ ବାଇବଲ ଶିବିରଗୁଡିକ କରନ୍ତି ଏବ୍ମ ବିନାମୂଲ୍ୟର ବାଇବଲ ପତ୍ରିକା ଏବଂ ବିବିଧ ଲେଖା ସମ୍ବଳିତ ସାମୟିକ ପତ୍ରିକା ବାଣ୍ଟନ୍ତି| ପାଉଲଙ୍କ ପରି "ମୁକ୍ତ ଭାବରେ ସୁସମାଚାର ପ୍ରଚାର କରିବା" ଆମର ଲକ୍ଷ୍ୟ|
(୧ କରିନ୍ଥୀୟ ୯:୧୮)

# ଏକ ନିମନ୍ତ୍ରଣ

An invitation

ଖ୍ରୀଷ୍ଟାଡେଲ୍‌ଫିଅନ୍ସ ଏକ ପରସ୍ପର ନିର୍ଭରଶୀଳ ସମ୍ପ୍ରଦାୟ ଅଟେ ଯେକୌଣସି ମାର୍ଗ ଆମେ ଈଶ୍ୱରଙ୍କ ସେବାରେ କରିପାରୁ ଆମେ କରୁଅଛୁ| ଯଦି ଆପଣ ଅଧିକ କିଛି ଜାଣିବାକୁ ଚାହାଁନ୍ତି ତାହାହେଲେ ପଛରେ ଥିବା ଠିକଣାକୁ ଯୋଗାଯୋଗ କରନ୍ତୁ|

ରବ ହାଇଣ୍ଡମେନ୍‌ଙ୍କ ଦ୍ୱାରା

## କିପରି ଆପଣଙ୍କର ସ୍ଥାନୀୟ ଖ୍ରୀଷ୍ଟାଡେଲ୍‌ଫିଅନ୍ସଙ୍କୁ ଯୋଗାଯୋଗ କରିବେ:

To contact your local Christadelphians:

## କିମ୍ବା ଯୋଗାଯୋଗ:

Or contact: